# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**30 March – 2025**

**News Editor : Tapan Kumar Moharana**

*********************************

## ମୁଖ୍ୟ ସମ୍ବାଦ

- ସୁସ୍ଥ ଜୀବନଶୈଳୀ ପାଇଁ ଯୋଗ ନିତାନ୍ତ ଅପରିହାର୍ଯ୍ୟ ଏବଂ ଯୋଗକୁ ଦୈନନ୍ଦିନ ଜୀବନରେ ସାମିଲ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ
- ରାଜ୍ୟସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ଦିବସରେ ୬୦ହଜାର ହିତାଧିକାରଙ୍କୁ ବଣ୍ଟନ କରାଗଲା କାର୍ଯ୍ୟାଦେଶ
- ଲାଇନ୍‌ଚ୍ୟୁତ ବାଙ୍ଗାଲୋର-କାମାକ୍ଷା ଏକ୍ସପ୍ରେସ୍ ଟ୍ରେନ୍ ଯାତ୍ରୀଙ୍କୁ ନେଇ କାମାକ୍ଷା ଅଭିମୁଖେ ଯାତ୍ରା କଲା ସ୍ୱତନ୍ତ୍ର ଟ୍ରେନ୍

— ଘଟଣାର ତଦନ୍ତ କରିବେ ରେଳବାଇ ନିରାପତ୍ତା କମିଶନ

ଏବଂ

- ରାଜ୍ୟର ଚିକିତ୍ସା କ୍ଷେତ୍ରରେ ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ଏକ ଉତ୍କର୍ଷ ଗବେଷଣା ଏବଂ ନବସୃଜନର କେନ୍ଦ୍ର ହେବ; କହିଲେ, ରାଜ୍ୟପାଳ

# ମନ୍ କୀ ବାତ୍

ସୁସ୍ଥ ଜୀବନଶୈଳୀ ପାଇଁ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଆନ୍ତର୍ଜାତିକ ଯୋଗ ଦିବସର ଅବଗଣନା ୧୦୦ ଦିନରୁ କମ୍ ରହିଛି । ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କୁ ସମ୍ବୋଧିତ କରି ଯୋଗକୁ ଦୈନନ୍ଦିନ ଜୀବନରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି ।

ପ୍ରଧାନମନ୍ତ୍ରୀ ତାଙ୍କ ସମ୍ବୋଧନରେ ଏନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ତାଙ୍କର ଅଭିବ୍ୟକ୍ତି ଉପସ୍ଥାପନ କରି କହିଛନ୍ତି, ବୟନଶିଳ୍ପ ବର୍ଜ୍ୟବସ୍ତୁର ପରିଚାଳନା ବର୍ତ୍ତମାନ ସମୟର ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। କେବଳ ଏକ ପ୍ରତିଶତରୁ କମ୍ ବୟନଶିଳ୍ପ ବର୍ଜ୍ୟବସ୍ତୁକୁ ନୂତନ ପୋଷାକ ପ୍ରସ୍ତୁତିରେ ପୁନଃ ବ୍ୟବହାର କରାଯାଏ । ଭାରତ ହେଉଛି ବିଶ୍ୱର ତୃତୀୟ ଦେଶ, ଯେଉଁଠାରେ ସର୍ବାଧିକ ବୟନ ବର୍ଜ୍ୟବସ୍ତୁ ଉତ୍ପନ୍ନ ହୋଇଥାଏ । ପୁରୁଣା ପୋଷାକ ତ୍ୟାଗ କରି ନୂତନ ପୋଷାକ କିଣିବାର ଧାରା ଏବେ ବୃଦ୍ଧି ପାଉଛି । ଏହି କାରଣରୁ ବୟନ ବର୍ଜ୍ୟବସ୍ତୁର ପରିମାଣ ମଧ୍ୟ ଯଥେଷ୍ଟ ବୃଦ୍ଧି ପାଉଛି ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ସମ୍ବୋଧନରେ କହିଛନ୍ତି । ଏହାର ମୁକାବିଲା ପାଇଁ ଭାରତରେ ଅନେକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇଛି ।

ଭାରତୀୟ ଷ୍ଟାର୍ଟଅପ୍ କମ୍ପାନୀ ଗୁଡ଼ିକ ବୟନଶିଳ୍ପ ବର୍ଜ୍ୟବସ୍ତୁର ପୁନଃ ବ୍ୟବହାର ଉପରେ କାର୍ଯ୍ୟ କରୁଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ପୁରୁଣା ପୋଷାକ ଏବଂ ଜୋତାକୁ ପୁନଃ ବ୍ୟବହାରଯୋଗ୍ୟ କାର୍ଯ୍ୟରେ ଲଗାଯାଉଛି

ଏବଂ ଅଭାବୀ ଲୋକଙ୍କୁ ଏହାକୁ ବଣ୍ଟନ ମଧ୍ୟ କରାଯାଉଛି । ବୟନଶିଳ୍ପ ବର୍ଜ୍ୟବସ୍ତୁରୁ ସାଜସଜା ସରଞ୍ଜାମ, ହାତ ବ୍ୟାଗ୍, ଖେଳନା ଭଳି ଅନେକ ସାମଗ୍ରୀ ପ୍ରସ୍ତୁତ କରାଯାଉଛି ।

ଜଳ ସଂରକ୍ଷଣ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଗ୍ରୀଷ୍ମଋତୁ ଆସିବା ସଙ୍ଗେ ସଙ୍ଗେ ବିଭିନ୍ନ ସ୍ଥାନରେ ଜଳ ସଂରକ୍ଷଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ । ଦେଶରେ ହଜାର ହଜାର କୃତ୍ରିମ ପୋଖରୀ, ଚେକ୍‌ଡ୍ୟାମ, ନଳକୂପ ଆଦି ନିର୍ମାଣ କରାଯାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଚଳିତବର୍ଷର 'କ୍ୟାଚ୍ ଦି ରେନ୍' ଅଭିଯାନ ପାଇଁ ପ୍ରସ୍ତୁତି ଚାଲିଛି । ଜଳ ସଂରକ୍ଷଣ କ୍ଷେତ୍ରରେ ଜନଭାଗିଦାରିତା ବୃଦ୍ଧି ନେଇ ପ୍ରୟାସ ଜାରି ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଗତ ୮ ବର୍ଷ ମଧ୍ୟରେ ଜଳ ସଂରକ୍ଷଣ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ଯୋଗୁଁ ୧୧ବିଲିୟନ ଘନମିଟରରୁ ଅଧିକ ଜଳ ସଂରକ୍ଷିତ କରାଯାଇ ପାରିଛି ।

**V/O** (Water)

ଖେଲୋ ଇଣ୍ଡିଆ ପାରା ଗେମ୍‌ସ ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କ୍ରୀଡ଼ାବିତ୍‌ଙ୍କ ନିଷ୍ଠା ଓ ପ୍ରତିଭାକୁ ପ୍ରଶଂସା କରିଛନ୍ତି । ଏଥିରେ ଅଂଶଗ୍ରହଣ କରିଥିବା ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ହରିୟାଣା, ତାମିଲନାଡୁ ଏବଂ ଉତ୍ତରପ୍ରଦେଶ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବାରୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ପ୍ରତିଯୋଗିତାରେ ୧୮ଟି ଜାତୀୟ ରେକର୍ଡ ସ୍ଥାପନ ହୋଇଥିବାବେଳେ ସେଥିରୁ ୧୨ଟି ମହିଳା ଖେଳାଳିଙ୍କ ଦ୍ୱାରା ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (**Player**)**

ଦିଲ୍ଲୀରେ ଆୟୋଜିତ ହୋଇଥିବା ଫିଟ୍ ଇଣ୍ଡିଆ ସମ୍ମିଳନୀ ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ବିଭିନ୍ନ କ୍ଷେତ୍ରରୁ ପ୍ରାୟ ୨୫ ହଜାର ଲୋକ ଏଥିରେ ଅଂଶଗ୍ରହଣ କରିଥିଲେ । ନିଜ ଅଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ଆଜିଠୁ ଆରମ୍ଭ ହୋଇଥିବା ଚୈତ୍ର ନବରାତ୍ରି ଅବସରରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେହିଭଳି ଦେଶର ବିଭିନ୍ନ ପ୍ରାନ୍ତରେ ପାଳନ କରାଯାଉଥିବା ଭିନ୍ନ ଭିନ୍ନ ଲୋକପର୍ବ ପାଳନ ନେଇ ପ୍ରଧାନମନ୍ତ୍ରୀ ସଂପୃକ୍ତ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ପର୍ବଗୁଡ଼ିକ ଭାରତର ବିବିଧତା ମଧ୍ୟରେ ଏକତାକୁ ପ୍ରତିପାଦନ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଅନ୍ତ୍ୟୋଦୟ ଗୃହ ଯୋଜନା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରେ ରାଜ୍ୟସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି। ଶୁଭାରମ୍ଭ ଦିନରେ ଆଜି ଏହି ଯୋଜନାରେ ଜିଲ୍ଲାସ୍ତରରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇ ୬୦ ହଜାରରୁ ଅଧିକ ହିତାଧିକାରୀମାନଙ୍କୁ ଗୃହନିର୍ମାଣ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି ଯୋଜନାରେ ଆସନ୍ତା ୩ ବର୍ଷରେ ୫ ଲକ୍ଷ ଘର ପାଇଁ ୭ ହଜାର ୫୫୦ କୋଟି ଟଙ୍କା ବିନିଯୋଗ କରାଯିବ ସରକାରୀ ସୂତ୍ରରୁ ଜଣାପଡିଛି। ପ୍ରତ୍ୟେକ ଘର ପାଇଁ ୧ ଲକ୍ଷ ୨୦ ହଜାର ଟଙ୍କା ସହିତ ବିଭିନ୍ନ ଯୋଜନାରେ

ଶୌଚାଳୟ, ରନ୍ଧନ ଗ୍ୟାସ୍, ସ୍ୱଚ୍ଛ ପାନୀୟ ଜଳ ଓ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ଜଣାପଡିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଯୋଗ୍ୟ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଦିବ୍ୟାଙ୍ଗ, ବିଧବା, କର୍କଟ ରୋଗାକ୍ରାନ୍ତ ବ୍ୟକ୍ତି, ସହିଦଙ୍କ ପରିବାର ଓ ପଦ୍ମଶ୍ରୀ ପାଇଥିବା ବ୍ୟକ୍ତି, ଘରପୋଡି, ହାତୀ ଉପଦ୍ରବ ତଥା ବନ୍ୟା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରେ ପ୍ରଭାବିତ ହୋଇଥିବା ପରିବାରକୁ ଅଗ୍ରାଧିକାର ଭିତ୍ତିରେ ଚିହ୍ନଟ କରି ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରି ପକ୍କା ଘର ଯୋଗାଇ ଦିଆଯିବ।

ଏହା ସହିତ ଏହି ଯୋଜନାରେ ହିତାଧିକାରୀମାନଙ୍କୁ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୯୦ ରୁ ୯୫ ଦିନ ପର୍ଯ୍ୟନ୍ତ ଅଣକୁଶଳୀ ଶ୍ରମିକ ଭାବରେ ପାରିଶ୍ରମିକ ସହ କାମ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ତ୍ତମାନସୁଦ୍ଧା ରାଜ୍ୟରେ ୨୩ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦିଆଯାଇଥିବାବେଳେ ଆଉ ୪ ଲକ୍ଷ ଘର ନିର୍ମାଣାଧୀନ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଜିଲ୍ଲାରେ ୬୧୭ କୋଟି ୫୧ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି।

**କଟକ, ମାଲକାନଗିରି, ସମ୍ବଲପୁର, ପୁରୀ, ଦେବଗଡ଼, ନୟାଗଡ, ରାୟଗଡା** ଜିଲ୍ଲାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

# ମୁଖ୍ୟମନ୍ତ୍ରୀ-ଜନଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତାକାଲି ବନ୍ଦ ରହିବ । ସରକାରୀ ଛୁଟି ଦିନ ଥିବା ହେତୁ ଭୁବନେଶ୍ୱର ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଶୁଣାଣି କାର୍ଯ୍ୟକ୍ରମ ହେବନାହିଁ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଟ୍ରେନ୍ ଗତିପଥ ପରିବର୍ତ୍ତନ

କଟକ ନିର୍ଗୁଣ୍ଡିଠାରେ ଲାଇନ୍‌ଚ୍ୟୁତ ହୋଇଥିବା ବାଙ୍ଗାଲୋରରୁ କାମାକ୍ଷା ୧-୨-୫-୫-୧ ସୁପର ଫାଷ୍ଟ ଏକ୍ସପ୍ରେସ୍ ଟ୍ରେନ୍‌ର ଯାତ୍ରୀମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଟ୍ରେନ୍ କାମାକ୍ଷା ଅଭିମୁଖେ ଯାତ୍ରା କରିଛି । ରେଳବାଇ ପକ୍ଷରୁ ଘଟଣାର ତଦନ୍ତ ପାଇଁ ରେଳବାଇ ନିରାପତ୍ତା କମିଶନଙ୍କୁ ଦାୟିତ୍ୱ ଦିଆଯାଇଛି ।

ଆଜି ଦିନ ପ୍ରାୟ ୧୨ ଟା ସମୟରେ କଟକ ନିର୍ଗୁଣ୍ଡି ରେଳଷ୍ଟେସନ ନିକଟରେ ଏହି ଟ୍ରେନ୍‌ର ୧୧ଟି ବଗି ଲାଇନ୍‌ଚ୍ୟୁତ ହୋଇଥିଲା । ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୭ ଜଣ ଆହତ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦୁର୍ଘଟଣାର ଉଦ୍ଧାର ଓ ସହାୟତା କାର୍ଯ୍ୟର ସମୀକ୍ଷା କରିଛନ୍ତି ।

# ରାଜ୍ୟପାଳ

ଅସମାନତାକୁ ଦୂର କରି ଏକ ଉଚିତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ପାଇଁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଆହ୍ୱାନ ଦେଇଛନ୍ତି ।

ଭୁବନେଶ୍ୱର ଲୋକସେବା ଭବନଠାରେ ଆୟୋଜିତ ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ପ୍ରତିଷ୍ଠା ଦିବସ ପାଳନ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ଚିକିତ୍ସା କ୍ଷେତ୍ରରେ ଉତ୍କର୍ଷ ଗବେଷଣା ଏବଂ ନବସୃଜନର କେନ୍ଦ୍ର ପାଲଟିବ। ଡାକ୍ତରୀ ପଢୁଥିବା ଛାତ୍ରଛାତ୍ରୀ ଏବଂ ସ୍ୱାସ୍ଥ୍ୟସେବାର ଜଡିତ ବ୍ୟକ୍ତିବିଶେଷଙ୍କୁ ସମାଜସେବାରେ ସେମାନଙ୍କର ସର୍ବୋତ୍ତମ ଯୋଗଦାନ ଦେବାକୁ ରାଜ୍ୟପାଳ ଆହ୍ୱାନ ଦେବା ସହିତ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି।

## ମେଡିକାଲ କଲେଜ୍

**ଢେଙ୍କାନାଳ** ଜିଲ୍ଲାରେ ଆସନ୍ତା ଏକ ବର୍ଷ ମଧ୍ୟରେ ଏକ ମେଡିକାଲ କଲେଜ୍ ପ୍ରତିଷ୍ଠା କରାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଗତକାଲି ବଜେଟ୍‌ରେ ଏଥିପାଇଁ ବ୍ୟୟ ବରାଦ ହେବା ସହ ଢେଙ୍କାନାଳ ଡାକ୍ତରଖାନା ନିକଟରେ ଆଉ ୨୦ ଏକର ଜମି ନିଆଯାଉଥିବା ନେଇ ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି।

## ସଚେତନତା କର୍ମଶାଳା

ଗଜପତି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ଆରୋଗ୍ୟପ୍ରାପ୍ତ କୁଷ୍ଠରୋଗୀଙ୍କ ପୁନର୍ବାସ ନିମନ୍ତେ ଥିବା ବିଭିନ୍ନ ଯୋଜନାଗୁଡିକର ଏକ ସଚେତନତା କାର୍ମଶାଳା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହେଇଯାଇଛି। ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁଷ୍ଠରୋଗୀଙ୍କ ନିମନ୍ତେ ହୋଇଥିବା ଆଲୋଚନାଚକ୍ରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ କୁଷ୍ଠରୋଗର

ଚିହ୍ନଟ, ଲକ୍ଷଣ, ଚିକିତ୍ସା ଓ ନିରାକରଣ  ସମ୍ବନ୍ଧରେ ଆଲୋଚନା କରାଯାଇଥିଲା ।

## ଉଗାଦି

**ସୁବର୍ଣ୍ଣପୁର** ଜିଲ୍ଲାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ହିନ୍ଦୁ ନବବର୍ଷ ସହ ତେଲୁଗୁ ନବବର୍ଷ **ଉଗାଦି** ପାଳିତ ହୋଇ ଯାଇଛି । ରୟାଲ ପଡିଆସ୍ଥିତ ବାଲାଜୀ ମନ୍ଦିର ପ୍ରାଙ୍ଗଣରେ ସଂଯୋଜକ ଦୀପକ ମହାପାତ୍ରଙ୍କ ପରିଚାଳନାରେ ସଂଘର ରାଷ୍ଟ୍ରୀୟ ଧ୍ୱଜା ଉତ୍ତୋଳନ କରାଯାଇଥିଲା । ସେହିପରି ଦେବାଙ୍ଗ ସଂପ୍ରଦାୟ ପକ୍ଷରୁ ଉଗାଦି ପର୍ବ ପାଳନ କରାଯାଇଛି ।

**ଗଜପତି** ଜିଲ୍ଲାର ପାରଳାଖେମୁଣ୍ଡି ସମେତ ଗୋଷାଣୀ ଓ କାଶୀନଗର ବ୍ଲକ୍ ଅଂଚଳରେ ଉଗାଦି ପର୍ବ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଇଛି । ଶ୍ରଦ୍ଧାଳୁମାନେ ବର୍ଷର ପ୍ରଥମ ଫଳ ଆମ୍ବ ସହିତ ଗୁଡ ଓ ତେନ୍ତୁଳି ଠାକୁରଙ୍କୁ ଭୋଗ ଲଗାଇଥିଲେ ।  ଏହା ସହିତ ନିମ୍ବଫୁଲ ଓ ଆମ୍ବରେ ପ୍ରସ୍ତୁତ ଉଗାଦି ଚଟଣୀ ଦେଇ ପୂଜା କରିଥିଲେ ।

## ଖସାପଡା ନୀତି

**ପୁରୀ** ଶ୍ରୀମନ୍ଦିରରେ ଆସନ୍ତାକାଲି ସୋମବାର ଚୈତ୍ର ଶୁକ୍ଳ ଦ୍ୱିତୀୟ ତିଥିରେ ଶ୍ରୀବିଗ୍ରହମାନଙ୍କ ଖସାପଡା ଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ଅପରାହ୍ଣରୁ ୫ ଘଣ୍ଟା ପର୍ଯ୍ୟନ୍ତ ଏହି ଗୁପ୍ତ ନୀତି ଅନୁଷ୍ଠିତ ହେବାକୁ ଥିବାରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ।

ଅନ୍ୟପକ୍ଷରେ, ଆସନ୍ତା ଏପ୍ରିଲ ୨ ତାରିଖ ଦିନ ବନକଲାଗି ନୀତି ଅନୁଷ୍ଠିତ ହେବ । ଏହାକୁ ଦୃଷ୍ଟିରେ ରଖି ଆସନ୍ତାକାଲିଠାରୁ ଏପ୍ରିଲ ୩ ତାରିଖ ପର୍ଯ୍ୟନ୍ତ

ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

*********************************